# ବର୍ଷା ଓ ପାଗ ଖରାପ ଯୋଗୁଁ ଜିଲ୍ଲା ମହୋତ୍ସବ ୧୧ ତାରିଖକୁ ଘୁଞ୍ଚିଲା ।

ଅନୁଗୋଳ ୦୭.୦୨ :- ଲଗାତାର ବର୍ଷା ଓ ପ୍ରତିକୂଳ ପାଗ ଯୋଗୁଁ ଆଜି ଉଦଘାଟିତ ହେବାକୁ ଥିବା ଜିଲ୍ଲା ମହୋତ୍ସବ,୨୦୨୦ କୁ ଘୁଞ୍ଚାଇ ଚଳିତ ମାସ ୧୧,୧୨ ଓ ୧୩ ତାରିଖକୁ ସ୍ଥିର କରାଗଲା । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ  ମହୋତ୍ସବ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇ ସର୍ବସମ୍ମତିକ୍ରମେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି  । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସଂଧ୍ୟାରେ ଜିଲ୍ଲା ମହୋତ୍ସବର ଉଦଘାଟନ କାର୍ଯ୍ୟକ୍ରମ ଥିଲା  । ଏହା  ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ପଲ୍ଲିଶ୍ରୀ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥାନ୍ତା  । କିନ୍ତୁ ଗତକାଲି ଠାରୁ ବର୍ଷା ଓ ପ୍ରତିକୂଳ ପାଗ ଲାଗି ରହିଥିବାରୁ ଆଜି ମହୋତ୍ସବ କମିଟିର ନିଷ୍ପତ୍ତିକ୍ରମେ ଏହାକୁ ଚଳିତ ମାସ ୧୧,୧୨ ଓ ୧୩ ତାରିଖକୁ  ଘୁଞ୍ଚାଇ ଦିଆଗଲା  ।  କିନ୍ତୁ  ପଲ୍ଲିଶ୍ରୀ ମେଳା ଆଜିଠାରୁ ଯଥାରୀତି ଚାଲିବ ଓ ବିଭିନ୍ନ ସାମଗ୍ରୀରପ୍ରଦର୍ଶନ ଓ ବିକ୍ରୀବଟା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ  । ପରିବର୍ତ୍ତିତ କାର୍ଯ୍ୟକ୍ରମ ସମ୍ପର୍କରେ ପୁନର୍ବାର ପ୍ରଚାର ଓ ପ୍ରସାର କରାଯାଇ ଜନସାଧାରଣଂକୁ ସଚେତନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି  । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ଆଇନଜିବୀ ଶ୍ରୀ ଭବାନି ପ୍ରସାଦ ମିଶ୍ର ଓ ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ, ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ,ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତି,ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଶ୍ରୀ ଧରଣୀ ଧର ନାଥ , ମହୋତ୍ସବ ପାଳନ କମିଟିର ସଦସ୍ୟ ଶ୍ରୀ ରଂଜନ କୁମାର  ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦୀଶ ରାଂଂକ ସମେତ ମହୋତ୍ସବ ପାଳନ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।